REGIONAL NEWS UNIT, AIR KATAKA

Mid-day Bulletin (2.32PM)

27 November – 2026

****

ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନର ଗୃହକାର୍ଯ୍ୟ ସ୍ୱାଭାବିକ

  – କୋଟିଆ ପ୍ରସଙ୍ଗରେ ଗୃହରେ ଚାଲିଛି ଆଲୋଚନା

- ଆସନ୍ତା ଶିକ୍ଷାବର୍ଷରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଉ ୧୧ଶହ ବି.ଏଡ୍. ସିଟ୍ ବୃଦ୍ଧି କରାଯିବା ନେଇ ଗୃହରେ ତଥ୍ୟ ରଖିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ

- ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ମୂଲ୍ୟବାନ ଅଳଙ୍କାରଗୁଡ଼ିକର ଚାଲିଛି ଗଣତି ମଣତି

- ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ବିମ୍‌ଷ୍ଟେକ୍ ୨୩ ବର୍ଷ ବୟସରୁ କମ୍ ଆଥ୍‌ଲେଟିକ୍ସ ଚମ୍ପିଆନ୍‌ସିପ୍ ୨୦୨୬ ଆଜି ଉଦ୍‌ଯାପନୀ ସମାରୋହ

ଏବଂ

- ରାଜ୍ୟକୁ ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ପବନ ପ୍ରବାହ ହେଉଥିବାରୁ ରାତି ତାପମାତ୍ରା ୨ ରୁ ୩ ଡିଗ୍ରୀ କମିବା ନେଇ ପାଣିପାଗ ବିଭାଗର ଅନୁମାନ

ବିଧାନସଭା-ଇନ୍ଫୋ

ସପ୍ତଦଶ ବିଧାନସଭା ଶୀତକାଳୀନ ଅଧିବେଶନର ସପ୍ତମ ଦିନରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଛି। ପ୍ରଶ୍ନକାଳ ଓ ଶୂନ୍ୟକାଳରେ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ଗୃହରେ ଦଳର ନେତା ରାମଚନ୍ଦ୍ର କାଡ଼ାମ ଓ ଅନ୍ୟ ସଦସ୍ୟମାନେ କୋଟିଆ ସୀମା ବିବାଦ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଠାରେ ଦାବି କରିଥିଲେ। ଗୃହରେ ଉପବାଚସ୍ପତିଙ୍କ ସମ୍ମତି ପରେ କଂଗ୍ରେସ ଓ ବିଜେଡି ସଦସ୍ୟମାନେ କୋଟିଆ ପ୍ରସଙ୍ଗରେ ଆଲୋଚନାରେ ଭାଗ ନେଇଛନ୍ତି। ସରକାରୀ ଦଳ ସଦସ୍ୟମାନେ ମଧ୍ୟ ଆଲୋଚନାରେ କିଛି ସମୟ ପରେ ଭାଗ ନେବେ ବୋଲି ଜଣାପଡ଼ିଛି।

ବିଧାନସଭା-ବି.ଏଡ୍. ସିଟ୍

ଆସନ୍ତା ଶିକ୍ଷାବର୍ଷ ୨୦୨୭-୨୮ରୁ ବି.ଏଡ୍. ସିଟ୍ ସଂଖ୍ୟା ଆଉ ୧୧ଶହ ବୃଦ୍ଧି କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ

ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଧାନସଭାରେ ତଥ୍ୟ ରଖିଛନ୍ତି। ୨୦୨୪ ମସିହା ପର୍ଯ୍ୟନ୍ତ ରାଜ୍ୟରେ ବି.ଏଡ୍ ଶିକ୍ଷା ପାଇଁ ମୋଟ ୩ ହଜାର ସିଟ୍ ଥିଲା। ସରକାର ତା'ପରଠାରୁ ଗତ ଅଢ଼େଇ ବର୍ଷ ମଧ୍ୟରେ ୧ ହଜାର ୫୫୦ ବି.ଏଡ୍. ସିଟ୍ ବୃଦ୍ଧି କରିଛନ୍ତି। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ବି.ଏଡ୍. ଶିକ୍ଷାରେ ଗୁଣାତ୍ମକ ବୃଦ୍ଧି ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଅଧିନରେ ଚାରିବର୍ଷିଆ ଏକୀକୃତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ କରାଯିବ। ଅନ୍ୟ ରାଜ୍ୟଗୁଡ଼ିକରୁ ଯେଉଁମାନେ ବି.ଏଡ୍ ଉତ୍ତୀର୍ଣ୍ଣ ସାର୍ଟିଫିକେଟ୍ ଆଣି ଓଡ଼ିଶାରେ ନିଯୁକ୍ତି ପାଇଛନ୍ତି ସେଗୁଡ଼ିକର ତର୍ଜମା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଗତ ଅଢ଼େଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୮ ହଜାର ୬୯୩ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ଗୁଣାତ୍ମକ ଶିକ୍ଷା ପାଇଁ ସରକାର ଆସନ୍ତା ୩ ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତ କରିବେ ବୋଲି ବିଧାନସଭାରେ ଶ୍ରୀ ଗଣ୍ଡ କହିଛନ୍ତି। ସେ କହିଛନ୍ତି ସରକାର ଏହି ସମୟ ମଧ୍ୟରେ ରାଜ୍ୟର ୧୮୮ଟି ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୯୮ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ପରିଣତ କରିଛନ୍ତି। ସେହିଭଳି ୧୭୫ଟି ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

ବିଧାନସଭା-ପାଠପଢ଼ା

ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ବିଗତ ତିନୋଟି ଶିକ୍ଷାବର୍ଷରେ ୧୭ ହଜାର ୨୫୦ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ିଛନ୍ତି ବୋଲି ଏକ ଲିଖିତ ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଗତ ଶିକ୍ଷାବର୍ଷରେ ୫ ହଜାର ୪୫୯ ଜଣ ଛାତ୍ରଛାତ୍ରୀ ପାଠ ଛାଡ଼ିଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୬୪୬ ଜଣ ପାଠ ଛାଡ଼ିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଗତ ତିନୋଟି ଶିକ୍ଷାବର୍ଷରେ ସାଢ଼େ ୨୩ ହଜାରରୁ ଅଧିକ ସିଟ୍ ଖାଲି ପଡ଼ିଛି।

ନବ୍ୟା ୨.୦ ଲଞ୍ଚ୍

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ମିଳିତ ଭାବେ ଆସନ୍ତାକାଲି ଉତ୍ତରାଖଣ୍ଡର ହରିଦ୍ୱାରଠାରେ ‘ନବ୍ୟା’ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବେ । ଯୁବତୀ ଓ କିଶୋରୀମାନଙ୍କ ପାଇଁ ବୃତ୍ତିଗତ ପ୍ରଶିକ୍ଷଣ ମାଧ୍ୟମରେ ଆଶା ଓ ଆକାଂକ୍ଷାକୁ ପୋଷର କରିବା ଲକ୍ଷ୍ୟରେ କରାଯାଉଥିବା

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ଦକ୍ଷତା ବିକାଶ ରାଷ୍ଟ୍ରପତି ଜୟନ୍ତ ଚୌଧୁରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । “ନବ୍ୟା-୨ପଏଣ୍ଟ ଓ’ ଶୁଭାରମ୍ଭ ଅବସରରେ ଉତ୍ତରାଖଣ୍ଡରେ ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ପି.ଏମ୍. ଯୋଜନା ଅଧୀନରେ ନିର୍ମିତ ନୂତନ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଉଦ୍‌ଘାଟନ କରାଯିବ । ଏହା ସହିତ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ପ୍ରଶିକ୍ଷଣ ନେଇଥିବା ପ୍ରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ।

ଓଡ଼ିଶା ପାଭିଲିୟନ ପୁରସ୍କାର

ନୂଆଦିଲ୍ଲୀ ପ୍ରଗତି ମଇଦାନରେ ଚାଲିଥିବା ୪୫ତମ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଟ୍ରେଡ୍ ଫେୟାର-୨୦୨୬ରେ ଓଡ଼ିଶା ପାଭିଲିୟନ୍‌କୁ ରୌପ୍ୟପଦକ ମିଳିଛି। ବିଷୟଭିତ୍ତିକ ଉପସ୍ଥାପନା ପାଇଁ ରାଜ୍ୟ ବର୍ଗରେ ଏହି ପଦକ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶା ପାଇଁ ଏହି ପୁରସ୍କାର ଏକ ଜାତୀୟ ସ୍ୱୀକୃତି, ଗର୍ବ ଓ ଆନନ୍ଦର ବିଷୟ। ସଫଳତା ପାଇଁ ଓଡ଼ିଶା ପାଭିଲିୟନ୍‌ର ପରିକଳ୍ପନା, ଡିଜାଇନ ଓ ଉପସ୍ଥାପନା ସହ ଜଡ଼ିତ ସମସ୍ତ

ବ୍ୟକ୍ତିବିଶେଷ, ଶିଳ୍ପୀ, କାରିଗର ଓ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟର ସମୃଦ୍ଧ ଐତିହ୍ୟ, ପାରମ୍ପରିକ ଉତ୍କର୍ଷ ଓ ଉଦୀୟମାନ ଆର୍ଥିକ ସମ୍ଭାବନାର ଅନନ୍ୟ ଉପସ୍ଥାପନ ପାଇଁ ଏହି ସମ୍ମାନଜନକ ପୁରସ୍କାର ଓଡ଼ିଶା ପାଭିଲିୟନ ପାଇଛି।

ରତ୍ନଭଣ୍ଡାର ଗଣତିମଣତି

ପୁରୀ ଶ୍ରୀମନ୍ଦିରରେ ଭିତର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ଆରମ୍ଭ ହୋଇଛି। ସକାଳ ଧୂପ ନୀତି ଶେଷ ହେବା ପରେ ଗଣତି ମଣତି କାର୍ଯ୍ୟ ଆରମ୍ଭ ହୋଇଛି। ରତ୍ନଭଣ୍ଡାର ଗଣତି ମଣତି ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ସହିତ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଦେଓଳକରଣ, ତଢ଼ାଉକରଣ, ଭଣ୍ଡାର ମେକାପ, ଛତିଶା ନିଯୋଗ ନାୟକ, ବଣିଆ ସେବକ, ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅଧିକାରୀଙ୍କ ସମେତ ଅନ୍ୟ କେତେଜଣ ଗଣତି ମଣତି କରୁଛନ୍ତି। ପୂର୍ବରୁ ଚଳନ୍ତି ଭଣ୍ଡାର ଏବଂ ବାହାର ରତ୍ନଭଣ୍ଡାରର ଗଣତି ମଣତି ଶେଷ ହୋଇଛି। ଭିତର ରତ୍ନଭଣ୍ଡାରର ଗଣତିମଣତି ପରେ ପୁରୁଣା ସିନ୍ଦୁକରୁ ବାହାର କରାଯାଇଥିବା ମୂଲ୍ୟବାନ ଅଳଙ୍କାରଗୁଡ଼ିକୁ ତିନୋଟି ନବନିର୍ମିତ ସିନ୍ଦୁକରେ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନର ସୂଚନାରୁ ଉଦ୍ଧାର କରି ଆମ ସମ୍ବାଦଦାତା ଜଣାଇଛନ୍ତି। ଗତକାଲି ପୂର୍ବାହ୍ନ ୧୧ଟା ୨୬ ମିନିଟ୍‌ରେ

ଆରମ୍ଭ ହୋଇ ଅପରାହ୍ନ ୨ଟା ୩୬ ମିନିଟ୍ ପର୍ଯ୍ୟନ୍ତ ମୋଟ ୩ ଘଣ୍ଟା ୧୦ ମିନିଟ୍ ଧରି ଗଣତି ମଣତି କାର୍ଯ୍ୟ ଚାଲିଥିଲା।

ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟାରେ ଗତବର୍ଷ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିଲା। ୨୦୨୫ ମସିହା ମାର୍ଚ୍ଚ ମାସରୁ ଆଜି ସୁଦ୍ଧା ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାରର ୧୯ ଦିନ ଗଣତିମଣତି ହୋଇଛି।

ତୀର୍ଥଯାତ୍ରୀ ଯୋଜନା

ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ସମ୍ବଲପୁରରୁ ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ୨୫ ଜଣ ସହଯୋଗୀ ହରିଦ୍ୱାର-ଋଷିକେଶ ଅଭିମୁଖେ ଯାତ୍ରା କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ୮ଟି ଜିଲ୍ଲାରୁ ତୀର୍ଥଯାତ୍ରୀମାନଙ୍କୁ ସମ୍ବଲପୁର ଅଣାଯିବା ପରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ପଠାଯାଇଛି।

ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ

ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ’କୁ ଆଜି ଦୁଇବର୍ଷ ପୂରଣ ହୋଇଛି। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାରେ ଆଜିଠାରୁ ୧୦୦ ଦିନିଆ ବାଲ୍ୟବିବାହ ମୁକ୍ତ ଭାରତ ଗଠନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନବରଙ୍ଗପୁର ଜିଲ୍ଲାରେ ୧୮ ବର୍ଷ ପୂର୍ବରୁ ବିବାହ କରିଥିବା

ମହିଳାଙ୍କ ଅନୁପାତ ୨୭ ଦଶମିକ ୧ ପ୍ରତିଶତ ଅଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି, ଯାହାକି ରାଜ୍ୟ ହାରଠାରୁ ଯଥେଷ୍ଟ ଅଧିକ। ବାଲ୍ୟବିବାହ ରୋକିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅଧିକାର ସମେତ ଅନ୍ୟ କେତେକ ମହିଳା ହିତକାରୀ ପ୍ରସଙ୍ଗଗୁଡ଼ିକ ନେଇ ସଚେତନତା କରାଯାଉଛି।

ଭଦ୍ରକ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଭାଗୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବାଲ୍ୟବିବାହ ପ୍ରଥାକୁ ରୋକିବା ପାଇଁ ସରକାର ନିର୍ଦ୍ଧାରିତ କରିଥିବା ସମୟସୀମା ୨୦୩୦କୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ କରିବା ପାଇଁ କର୍ମଶାଳାରେ ଆଲୋଚନା ହୋଇଛି।

ମହିଳା ହିଂସା

ମହିଳାଙ୍କ ବିରୋଧରେ ଲିଙ୍ଗଭିତ୍ତିକ ହିଂସାର ନିରାକରଣ ଏବଂ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ନ୍ୟାୟ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାପ୍ରଶାସନ ପକ୍ଷରୁ ୧୬ଦିନିଆ ମହିଳା ହିଂସା ବିରୋଧି ଅଭିଯାନ

ଆରମ୍ଭ ହୋଇଛି। ଏହି ଅବସରରେ ବିଭାଗୀୟ କର୍ମକର୍ତ୍ତା, ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ପକ୍ଷରୁ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା ବାର୍ତ୍ତା ନେଇ ଏକ ର‍ୟାଲି ସହର ପରିକ୍ରମା କରିଥିଲା। 'ପ୍ରତ୍ୟେକ ମହିଳାଙ୍କ ପାଇଁ ନ୍ୟାୟ'ର ବାର୍ତ୍ତାକୁ ନେଇ ଆୟୋଜିତ ଏହି ଅଭିଯାନରେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ପ୍ରଶାସନ ପକ୍ଷରୁ ଆମନ୍ତ୍ରଣ କରାଯାଇଛି।

ବିମ୍‌ଷ୍ଟେକ୍

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ବିମ୍‌ଷ୍ଟେକ୍ ୨୩ ବର୍ଷ ବୟସରୁ କମ୍ ଆଥ୍‌ଲେଟିକ୍ସ ଚମ୍ପିଆନ୍‌ସିପ୍ ୨୦୨୬ ଆଜି ଶେଷ ହେବ। ପ୍ରତିଯୋଗିତାର ଅନ୍ତିମ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏହି ଚମ୍ପିୟାନ୍‌ସିପ୍ ଆୟୋଜିତ ହେଉଛି। ଭାରତ ସମେତ ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଏବଂ ଶ୍ରୀଲଙ୍କାର ୨୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଭାଗ ନେଇଛନ୍ତି। ଉଭୟ ପୁରୁଷ ଓ ମହିଳା ବର୍ଗରେ ୩୨ଟି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ମିଳିଥିବା ସୂଚନା

ଅନୁସାରେ ଗତକାଲି ସୁଦ୍ଧା ଭାରତ ୧୪ଟି ସ୍ୱର୍ଣ୍ଣପଦକ ପାଇ ତାଲିକାର ଶୀର୍ଷସ୍ଥାନରେ ରହିଛି ।

ପାଣିପାଗ

ରାଜ୍ୟରେ ଶୀତର ପ୍ରଭାବ ସାମାନ୍ୟ ବୃଦ୍ଧି ପାଇଛି । ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ପବନ ରାଜ୍ୟକୁ ପ୍ରବାହ ହେଉଥିବାରୁ ବିଭିନ୍ନ ସ୍ଥାନରେ ରାତି ତାପମାତ୍ରା ହ୍ରାସ ପାଉଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ସେଲ୍‌ସିୟସ କମିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଝାରସୁଗୁଡ଼ାରେ ଗତକାଲି ସର୍ବନିମ୍ନ ତାପମାତ୍ରା ୧୨ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା । ଅନ୍ୟପକ୍ଷରେ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଏବଂ ବଙ୍ଗୋପସାଗରରେ ଆସନ୍ତା ୩୦ ତାରିଖ ସୋମବାର ବେଳକୁ ଲଘୁଚାପରେ ପରିଣତ ହେବ । ଆସନ୍ତା ମାସ ୨ ତାରିଖ ବେଳକୁ ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି; ହେଲେ ଆସନ୍ତା ଏକସପ୍ତାହ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବା ନେଇ ଅନୁମାନ କରାଯାଇଛି ।